# Visit of Minister of State for External Affairs and Culture Smt. Meenakashi Lekhi to Uzbekistan and Switzerland (September 23-30, 2021)

September 22, 2021

## ବୈଦେଶିକ ବ୍ୟାପାର ଏବଂ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ମୀନକାଶୀ ଲେଖୀଙ୍କ ଉଜବେକିସ୍ତାନ ଏବଂ ସୁଇଜରଲାଣ୍ଡ ଗସ୍ତ (23-30 ସେପ୍ଟେମ୍ବର 2021)

**ସେପ୍ଟେମ୍ବର 22, 2021**

ବୈଦେଶିକ ବ୍ୟାପାର ଏବଂ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ମୀନକାଶୀ ଲେଖୀ 23-30 ସେପ୍ଟେମ୍ବର 2021 ଉଜବେକିସ୍ତାନ ଏବଂ ସୁଇଜରଲାଣ୍ଡ ଗସ୍ତ କରିବେ।

2. 23-26 ସେପ୍ଟେମ୍ବର ଉଜବେକିସ୍ତାନ ଗସ୍ତ ସମୟରେ ରାଷ୍ଟ୍ରମନ୍ତ୍ରୀ ଉଜବେକିସ୍ତାନର ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ଅବଦୁଲାଜିଜ୍ କାମିଲୋଭ ଏବଂ ସଂସ୍କୃତି ମନ୍ତ୍ରୀ ମାନ୍ୟବର ଶ୍ରୀ ଓଜୋଡବେକ୍ ନାଜରବେକୋଭଙ୍କୁ ସାକ୍ଷାତ କରିବେ। ସେ ପ୍ରସିଦ୍ଧ ତାସକେଣ୍ଟ ଷ୍ଟେଟ ୟୁନିଭରସିଟିରେ 'ଭାରତର ଗଣତାନ୍ତ୍ରିକ ପରମ୍ପରା' ଉପରେ ଏକ ବକ୍ତୃତା ପ୍ରଦାନ କରିବେ। ସେ ତାସକେଣ୍ଟରେ ଭାରତୀୟ ସମୁଦାୟର ସଦସ୍ୟଙ୍କ ସହ ମଧ୍ୟ କଥାବାର୍ତ୍ତା କରିବେ ଏବଂ ତାସକେଣ୍ଟ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଓରିଏଣ୍ଟାଲ୍ ଷ୍ଟଡିଜ୍ ତଥା ଅନ୍ୟାନ୍ୟ ସଂସ୍ଥାନର ବିଶିଷ୍ଟ ଇଣ୍ଡୋଲୋଜିଷ୍ଟମାନଙ୍କୁ ଭେଟିବେ। ରାଷ୍ଟ୍ରମନ୍ତ୍ରୀ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ବୁଖାରା ଷ୍ଟେଟ ୟୁନିଭରସିଟିର ଛାତ୍ରମାନଙ୍କୁ ସମ୍ବୋଧିତ କରିବା ସହିତ ସମରକାଣ୍ଡ ଷ୍ଟେଟ ମେଡିକାଲ ଇନଷ୍ଟିଚ୍ୟୁଟରେ ଭାରତୀୟ ଛାତ୍ରମାନଙ୍କ ସହ ବାର୍ତ୍ତାଳାପ କରିବେ।

3. 27-30 ସେପ୍ଟେମ୍ବର ସୁଇଜରଲାଣ୍ଡ ଗସ୍ତ ସମୟରେ ରାଷ୍ଟ୍ରମନ୍ତ୍ରୀ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ବୈଦେଶିକ ମନ୍ତ୍ରୀ) ର ଫେଡେରାଲ କାଉନସିଲର ମାନ୍ୟବର ଡକ୍ଟର ଇଗନାଜିଓ କ୍ୟାସିସ୍ ଏବଂ ଗୃହ ବ୍ୟାପାର ଓ ସଂସ୍କୃତି ମନ୍ତ୍ରଣାଳୟର ଫେଡେରାଲ କାଉନସିଲର ମାନ୍ୟବର ଶ୍ରୀ ଆଲେନ୍ ବର୍ସେଟଙ୍କ ସହିତ ଆଲୋଚନା କରିବେ। "ଉଦୀୟମାନ ବଜାରରେ ଭିତ୍ତିଭୂମି - ଅଭିବୃଦ୍ଧି ଏବଂ ପ୍ରକୃତ ପ୍ରଭାବର ଇଞ୍ଜିନ" ଉପରେ ଏନଜେଡଜେଡ ଇମ୍ପାକ୍ଟ ଫାଇନାନ୍ସ ସମ୍ମିଳନୀ ତଥା ସ୍ୱିସ୍-ଭାରତ ଚାମ୍ବର ଅଫ୍ କମର୍ସର ବାର୍ଷିକ ସାଧାରଣ ବୈଠକକୁ ରାଷ୍ଟ୍ରମନ୍ତ୍ରୀ ସମ୍ବୋଧିତ କରିବେ। ରାଷ୍ଟ୍ରମନ୍ତ୍ରୀ ସ୍ୱିସ୍-ଭାରତ ସମୁଦାୟ ସହିତ ମଧ୍ୟ ବାର୍ତ୍ତାଳାପ କରିବେ ଏବଂ ଜେନିଭାଠାରେ ଆନ୍ତର୍ଜାତିକ ସମୁଦାୟର ସଦସ୍ୟମାନଙ୍କ ସହିତ ସାକ୍ଷାତ କରିବେ।

4. ଭାରତ ଉଭୟ ଉଜବେକିସ୍ତାନ ଏବଂ ସୁଇଜରଲାଣ୍ଡ ସହିତ ନିବିଡ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିଛି। ରାଷ୍ଟ୍ରମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶ ସହିତ ଆମର ଦ୍ୱିପାକ୍ଷିକ ସମ୍ପର୍କର ଗତି ବଜାୟ ରଖିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

**ନୂଆଦିଲ୍ଲୀ**

**ସେପ୍ଟେମ୍ବର 22, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.